بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୪ ଅକ୍ଟୋବର ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ତବୁକ୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରଜିମ୍ । ବିସ୍‌ମିଲ୍ଲା ହିରରହେମା ନିରରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅରରହମା ନିରରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍ୱର[ଅ.ବ] କହିଲେ; ଆଜି ମଧ୍ୟ ମୁଁ ତବୁକ୍ ଯୁଦ୍ଧ ସଂକ୍ରାନ୍ତରେ ଅତିରିକ୍ତ ଚର୍ଚ୍ଚା କରିବି । ଜଣେ ବ୍ୟକ୍ତି ଜଦ୍‌ଦା ବିନ୍ କୈସଙ୍କର ଘଟଣା ବର୍ଣ୍ଣିତ ରହିଛି । ସେ ମଧ୍ୟ କପଟବିଶ୍ୱାସୀମାନଙ୍କ ମଧ୍ୟରୁ ଜଣେ ଥିଲା । ଯିଏକି ଅବ୍ଦୁଲ୍ଲାଃ ବିନ୍ ଉବୈ ପରେ କପଟବିଶ୍ୱାସୀମାନଙ୍କ ଦ୍ୱିତୀୟ ବଡ ସରଦାର ଥିଲା । ସେ ସୁଲ୍‌ହା ହୁଦେବିୟା ଅବସରରେ ମଧ୍ୟ ବୈଅତ୍ କରି ନଥିଲା । ସେ ମଧ୍ୟ ହୁଜୁର[ସ.ଅ]ଙ୍କ ସେବାରେ ଉପସ୍ଥିତ ହୋଇ ଯୁଦ୍ଧକ୍ଷେତ୍ରକୁ ନଯାଇପାରିବାର ଆଳ କରିଥିଲା । ଅତଏବ ଉଲ୍ଲେଖ ରହିଛି, ସେ କହିଲା; ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ମୋତେ ବିରାମ ଦିଅନ୍ତୁ ଓ ପରୀକ୍ଷାରେ ପକାନ୍ତୁ ନାହିଁ । ଅଲ୍ଲାଃଙ୍କ ରାଣ ! ମୋ ଜାତି ମୋ ସଂକ୍ରାନ୍ତରେ ଖୁବ୍ ଭଲ ଭାବରେ ଅବଗତ ଯେ ମୋ ଠାରୁ ବଳି ମହିଳାମାନଙ୍କୁ କେହି ଅଧିକ ଭଲ ପାଆନ୍ତି ନାହିଁ ଅର୍ଥାତ୍ ମହିଳାମାନଙ୍କ ପ୍ରତି ମୋର ଦୁର୍ବଳତା ରହିଛି । ତେଣୁ ମୋତେ ଏହି ଭୟ ଘାରୁଛି ଯେ, ଯଦି ମୁଁ ବନୁ ଅସଫର୍ ଅର୍ଥାତ୍ ରୋମୀମାନଙ୍କ ମହିଳାମାନଙ୍କ ଦେଖିନିଏ ତେବେ ଧୈର୍ଯ୍ୟ ରକ୍ଷା କରିପାରିବି ନାହିଁ । ହୁଜୁର[ସ.ଅ] ତାହାର ଏହି ଅଭଦ୍ର ଓ ଅଶ୍ଳୀଳ ଉତ୍ତର ଶୁଣି ତାକୁ ଏହି କଥା କହି ତା'ଠାରୁ ବିମୁଖ ହୋଇଗଲେ ଯେ, ଠିକ୍ ଅଛି ତୁମକୁ ରଣକ୍ଷେତ୍ରକୁ ନଯିବାର ମୁଁ ଅନୁମତି ଦେଲି । ତାହାର ପୁତ୍ର ହଜରତ ଅବ୍ଦୁଲ୍ଲାଃ ବିନ୍ ଜଦ୍‌ଦା[ର.ଅ] ଯିଏକି ଜଣେ ବଦ୍‌ରୀ (ବଦର୍ ଯୁଦ୍ଧରେ ଅଂଶଗ୍ରହଣକାରୀ) ସାହାବି ଥିଲେ ଓ ଅତି ନିଷ୍ଠାବାନ ସାହାବି ଥିଲେ । ଏସମସ୍ତ କଥା ଶୁଣି କ୍ରୋଧିତ ହୋଇଗଲେ ଓ କହିବାକୁ ଲାଗିଲେ, ନା ଅଲ୍ଲାଃଙ୍କ ରାଣ ! ଏହା ତ କପଟତା ଯେଉଁଥିପାଇଁ ତୁମେ ଯୁଦ୍ଧରେ ସାମିଲ ହେବାକୁ ବାହାରୁ ନାହଁ । ଅଲ୍ଲାଃଙ୍କ ରାଣ ! ତୁମ ସଂକ୍ରାନ୍ତରେ ପୁଣ୍ୟଶ୍ଲୋକଙ୍କ ଉପରେ ନିଶ୍ଚିତ ରୂପେ ଐଶ୍ୱୀବାଣୀ ଅବତୀର୍ଣ୍ଣ ହେବ । ଗୋଟିଏ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଜଦ୍‌ଦା ବିନ୍ କୈସ୍ ସମ୍ବନ୍ଧରେ ଏହି ଆୟତ ଅବତୀର୍ଣ୍ଣ ହେଲା- ଏବଂ ସେମାନଙ୍କ ମଧ୍ୟରେ ଏପରି ଲୋକ ମଧ୍ୟ ରହିଛନ୍ତି ଯିଏ କହିଥାଏ କି ମୋତେ କ୍ଷାନ୍ତି (ଅର୍ଥାତ୍ ଅବକାଶ ପ୍ରଦାନ) କରନ୍ତୁ ଓ ମୋତେ ପରୀକ୍ଷାରେ ପାକାନ୍ତୁ ନାହିଁ । କୁହାଯାଏ ଯେ ପରବର୍ତ୍ତୀ ସମୟରେ ସେ (ନିଜ କର୍ମ ପାଇଁ) କ୍ଷମାଭିକ୍ଷା କରି ନେଇଥିଲା ଓ ଭଲ ଭାବରେ କ୍ଷମାଭିକ୍ଷା କରି ନେଇଥିଲା ଏବଂ ପରେ ଅର୍ଥାତ୍ ହଜରତ ଉସମାନ[ର.ଅ]ଙ୍କ ଖିଲାଫତ୍ କାଳରେ ସେ ଦେହତ୍ୟାଗ କରିଥିଲେ ।

ମଦିନାରେ କପଟବିଶ୍ୱାସୀ ଓ ୟହୁଦିମାନେ ମିଥ୍ୟା ଗୁଜବ ପରିବ୍ୟାପ୍ତ କରି ମୁସଲମାନମାନଙ୍କ ସାହସ ଓ ମନବଳକୁ ଦୁର୍ବଳ କରିବା ତଥା ସେମାନଙ୍କୁ ଯୁଦ୍ଧ କରିବାରୁ ବିରତ ରଖିବା ସକାଶେ ପୂର୍ଣ୍ଣ ପ୍ରଚେଷ୍ଟା

କରୁଥିଲେ । ଆଉ ଏଥିପାଇଁ ସେମାନେ ଭଳିକି ଭଳି ଯୋଜନା ପ୍ରୟୋଗ କରୁଥିଲେ । ସେମାନେ ନିଜର ଏକ କେନ୍ଦ୍ର ସ୍ଥାପନ କରିଥିଲେ । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ତାହାକୁ ଭାଙ୍ଗି ଦେବାକୁ ଆଦେଶ ଦେଲେ । ଯଦିଚ ହୁଜୁର[ସ.ଅ] ନିଜ ଦୟା ଓ କରୁଣା ସ୍ୱଭାବ ବଶତଃ ସେମାନଙ୍କ ସହିତ ନମ୍ର ଆଚରଣ କରୁଥିଲେ । କିନ୍ତୁ ଯେତେବେଳେ ବ୍ୟବସ୍ଥା ବିରୁଦ୍ଧରେ କୌଣସି ଭୟଙ୍କର ଷଡଯନ୍ତ୍ର ହେଉଥିଲା ସେତେବେଳେ ସେ ତାହାକୁ ବେଶ୍ ବୁଦ୍ଧିମତା, କିନ୍ତୁ ଦୃଢ଼ତାର ସହିତ ଶେଷ କରିବା ସକାଶେ ପଦକ୍ଷେପ ଗ୍ରହଣ କରୁଥିଲେ । ଏହି ମୌଳିକ ନୀତି ସର୍ବଦା ମନେରଖିବା ଉଚିତ୍ ଯେ, ଯଦି ବ୍ୟବସ୍ଥା ବିପରୀତ କୌଣସି ଘଟଣା ଘଟେ ସେତେବେଳେ କଠୋରତା ମଧ୍ୟ ପ୍ରଦର୍ଶନ କରାଯାଇଥାଏ । ସେପରିସ୍ଥଳେ ନମ୍ର ଆଚରଣ କରିବା ପ୍ରଶ୍ନ ହିଁ ଉଠୁ ନାହିଁ । ସୁତରାଂ ଏହିପରି ଏକ କାର୍ଯ୍ୟକ୍ରମ ଏହିସ୍ଥଳେ ମଧ୍ୟ ଗ୍ରହଣ କରାଯାଇଥିଲା । କିନ୍ତୁ ମହାଭାଗଙ୍କ ଦୟା ଓ କ୍ଷମା ଆଚରଣ ଏପରି ସର୍ବୋପରି ଥିଲା ଯେ ହୁଜୁର[ସ.ଅ] ସେମାନଙ୍କ ମଧ୍ୟରୁ କାହାରିକୁ ବି ଗିରଫ୍ କରିବାର ଆଦେଶ ଜାରି କରାଯାଇ ନଥିଲା, ଆଉ ନା ଅନ୍ୟ କୌଣସି ପ୍ରକାରର ଦଣ୍ଡବିଧାନ କରାଯାଇଥିଲା । ହଁ ଷଡଯନ୍ତ୍ରର ଆଡ଼ା ଅର୍ଥାତ୍ କେନ୍ଦ୍ର (କପଟବିଶ୍ୱାସୀଙ୍କ ମିଳନସ୍ଥାନ)କୁ ଧୂଳିଶାତ କରିଦିଆଗଲା ।

ତବୁକ୍ ଆଡ଼କୁ ଯାତ୍ରା କରିବା ସକାଶେ ପ୍ରତ୍ୟେକ ବ୍ୟକ୍ତି ବ୍ୟସ୍ତ ରହିଥିଲା, ଅର୍ଥଦାନ କରିବାର ପ୍ରକ୍ରିୟା ମଧ୍ୟ ଅବ୍ୟାହତ ରହିଥିଲା ଯଦ୍ଦ୍ୱାରା ଯାତ୍ରା କରିବାର ଖର୍ଚ୍ଚର ବ୍ୟବସ୍ଥା ହୋଇପାରିବ । ଗରିବ ଓ ବିଶିଷ୍ଟ ସାହାବାଗଣ ହୁଜୁର[ସ.ଅ]ଙ୍କ ସେବାରେ ଉପସ୍ଥିତ ହେଉଥିଲେ ସେତେବେଳେ (ଯୁଦ୍ଧ) ପ୍ରସ୍ତୁତି ନିମନ୍ତେ ସେମାନଙ୍କ ସାହାଯ୍ୟ ମଧ୍ୟ କରାଯାଉଥିଲା । ଏହିପରି ଆର୍ଥିକ ସ୍ତରରେ ସ୍ୱଚ୍ଛଳ ଲୋକମାନେ ସେହି ସାହାବାମାନଙ୍କୁ ବାହାନ ମଧ୍ୟ ଯୋଗାଇ ଦେଉଥିଲେ, ଯାହାଙ୍କ ନିକଟରେ ବାହାନ ନଥିଲା । କାରଣ ବାହାନ ବ୍ୟତୀତ ଏହି ସୁଦୀର୍ଘ ଯାତ୍ରା କରିବା ମଧ୍ୟ ସମ୍ଭବ ନଥିଲା ଏବଂ ହୁଜୁର[ସ.ଅ]ଙ୍କର ଏହି ଆଦେଶ ଥିଲା ଯେ, ଆମ ସହିତ ସେହି ବ୍ୟକ୍ତି ବାହାରି ଚାଲୁ ଯିଏକି ବଳବାନ, ଯାତ୍ରା କରିବା ପାଇଁ ସମର୍ଥ ଥିବ ଓ ତାହା ନିକଟରେ ବାହାନ ତଥା ପାଥେୟ ମଧ୍ୟ ଉପଲବ୍ଧ ରହିଥିବ ।

ଏହି ଅବସରରେ କିଛି ସାହାବା ରୋଦନ କରି ହୁଜୁର[ସ.ଅ]ଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ହୁଜୁର[ସ.ଅ]ଙ୍କ ଠାରୁ ନିଜ ପାଇଁ ବାହାନ ବରାଦ କଲେ ଓ ସେମାନେ ଅଭାବଗ୍ରସ୍ତ ଥିଲେ । ହଜରତ ମୁହମ୍ମଦ[ସ.ଅ] କହିଲେ; ମୋ ନିକଟରେ ତ ଏବେ କିଛି ନାହିଁ, ଯାହାକି ମୁଁ ତୁମମାନଙ୍କୁ ପ୍ରଦାନ କରିବି । ଏଥିରେ ସେମାନେ ରୋଦନ କରି ଫେରିଗଲେ । ସେହି ସାହାବାମାନଙ୍କ ନିଷ୍ଠା, ବିଶ୍ୱସ୍ତତା ଓ ଅସହାୟ ଅବସ୍ଥାର ବର୍ଣ୍ଣନ ଅଲ୍ଲାଃତାଲା ପବିତ୍ର କୁରଆନରେ ଏପରି ଅବତୀର୍ଣ୍ଣ କଲେ– ଏବଂ ସେମାନଙ୍କ ଉପରେ କୌଣସି ଆରୋପ ନାହିଁ, ଆଉ ସେମାନେ ତୁମ ନିକଟକୁ ଏପରି ଅବସ୍ଥାରେ ଆସିଲେ ଯେତେବେଳେ ଯୁଦ୍ଧର ଘୋଷଣା କରିଦିଆ ଯାଇଥିଲା । ଏଥିପାଇଁ କି ତୁମ୍ଭେ ସେମାନଙ୍କୁ କିଛି ବାହାନ ପ୍ରଦାନ କରିଦେବ । ଆଉ ତୁମେ ତ ତାଙ୍କୁ ଉତ୍ତର ଦେଲ ଯେ, ମୋ ନିକଟରେ କିଛି ନାହିଁ । ଯାହାକି ମୁଁ ତୁମମାନଙ୍କୁ ପ୍ରଦାନ କରିବି ଓ ତାହା ଉପରେ ତୁମେ ଆରୋହଣ କରିବ । ଏହି ଉତ୍ତର ଶୁଣି ସେମାନେ ଫେରିଗଲେ ଏବଂ ଏହି ଦୁଃଖରେ ସେମାନଙ୍କ ଚକ୍ଷୁରୁ ଅଶ୍ରୁ ନିର୍ଗତ ହୋଇଗଲା ଯେ, ସେମାନେ ଏପରି ଅଭାବି ଯାହାଙ୍କ ନିକଟରେ କିଛି ନାହିଁ । ଯାହା ଫଳରେ ସେମାନେ ତାହାକୁ ଅଲ୍ଲାଃଙ୍କ ମାର୍ଗରେ ବ୍ୟୟ କରିପାରିବେ । ଏହା ସୁରଃ ତୌବାର ଆୟତ୍ ପରବର୍ତ୍ତୀ ସମୟରେ ସେମାନଙ୍କୁ ପାଥେୟ ଉପଲବ୍ଧ ହୋଇଗଲା ଓ ସେମାନେ

ହୁଜୁର[ସ.ଅ]ଙ୍କ ସହିତ ବାହାରି ଗଲେ । ହଜରତ ଅବୁ ମୁସା ଅଶରୀ[ର.ଅ]ଙ୍କ କବିଲାର ଲୋକମାନେ ମଧ୍ୟ ହୁଜୁର[ସ.ଅ]ଙ୍କ ଠାରୁ ବାହାନ ବରାଦ କରିଥିଲେ । ସେମାନେ ୬ଜଣ ବ୍ୟକ୍ତି ଥିଲେ । ସେମାନେ ଅବୁ ମୁସା ଅଶରୀ[ର.ଅ]ଙ୍କୁ ନିଜ ପ୍ରତିନିଧି କରି ହୁଜୁର[ସ.ଅ]ଙ୍କ ନିକଟକୁ ପ୍ରେରଣ କଲେ । ତାଙ୍କୁ ମଧ୍ୟ ମହାଭାଗ କହିଲେ; ମୋ ନିକଟରେ କିଛି ନାହିଁ, ଯାହାକି ମୁଁ ତୁମମାନଙ୍କୁ ପ୍ରଦାନ କରିପାରିବି । ଏଥିରେ ସେହି ଲୋକମାନେ ଲୁହ ଝରାଇ ସେଠାରୁ ଫେରିଗଲେ । କିନ୍ତୁ ଇତି ମଧ୍ୟରେ ହୁଜୁର[ସ.ଅ] ହଜରତ ସାଦ୍ ବିନ୍ ଉବାଦାଃ[ର.ଅ]ଙ୍କ ଠାରୁ ଓଟ ଖରିଦ୍ କରି ହଜରତ ଅବୁ ମୁସା ଅଶରୀ[ର.ଅ]ଙ୍କୁ ଡ଼କାଇ କହିଲେ; ଏହି ଓଟକୁ ନେଇଯାଅ ଓ ନିଜ ସାଥୀମାନଙ୍କୁ ପ୍ରଦାନ କରିଦିଅ ।

ଏହି ଯୁଦ୍ଧକୁ ଯିବା ସମୟରେ ପୁଣ୍ୟଶ୍ଲୋକ ମଦିନାରେ ନିଜ ପ୍ରତିନିଧି ମୁତୟନ କରିବା ସଂକ୍ରାନ୍ତରେ ଭିନ୍ନ ଭିନ୍ନ ବର୍ଣ୍ଣନା ମିଳୁଅଛି । ଗୋଟିଏ ବର୍ଣ୍ଣନା ଅନୁଯାୟୀ ହୁଜୁର[ସ.ଅ] ହଜରତ ମୁହମ୍ମଦ ବିନ୍ ମୁସେଲମାଃ[ର.ଅ]ଙ୍କୁ ମଦିନାର ଅମିର୍ ନିଯୁକ୍ତ କଲେ । ଏତଦ୍ ବ୍ୟତୀତ ହଜରତ ସିବାଆ ବିନ୍ ଉରଫତ୍[ର.ଅ], ହଜରତ ଅଲୀ[ର.ଅ] ଓ ହଜରତ ଅବ୍ଦୁଲ୍ଲାଃ ବିନ୍ ଉମ୍ମେ ମକ୍ତୁମ୍[ର.ଅ]ଙ୍କର ନାମ ମଧ୍ୟ ବର୍ଣ୍ଣିତ ରହିଛି । ଏହାର ସାମଞ୍ଜସ୍ୟ ଏହିକି ଯେ, ସେହି ଚାରିଜଣ ବ୍ୟକ୍ତି ହିଁ ଅତିରିକ୍ତ (ଅମିର୍) ନିଯୁକ୍ତ ହୋଇଥିଲେ । କିନ୍ତୁ ସେମାନଙ୍କ ଉପରେ ଭିନ୍ନ ଭିନ୍ନ ଦାୟିତ୍ୱ ନ୍ୟସ୍ତ ଥିଲା । ଯେହେତୁ ଏହା ଏକ ଦୀର୍ଘ ଯାତ୍ରା ଥିଲା, ତେଣୁ ହୁଜୁର[ସ.ଅ] ନିଜ ଅନ୍ତଃବାସୀଙ୍କର ଦେଖାଶୁଣା ଓ ସେମାନଙ୍କ ଆବଶ୍ୟକତା ପୂରଣ କରିବା ସକାଶେ ହଜରତ ଅଲୀ[ର.ଅ]ଙ୍କୁ ମଦିନାରେ ରହିବାକୁ ଆଦେଶ ଦେଇଥିଲେ । କପଟବିଶ୍ୱାସୀ ଓ ଯାହାଙ୍କ କାର୍ଯ୍ୟ କଟାକ୍ଷ କରିବା ତଥା ଭର୍ତ୍ସନା କରିବା ଥିଲା, ଏଥିରେ ସେମାନେ କହିବା ଆରମ୍ଭ କଲେ ଯେ ଏମାନେ ତ ମହାଭାଗଙ୍କ ଉପରେ ବୋଝ ଥିଲେ । ତେଣୁ ମହାଭାଗ ସେମାନଙ୍କୁ ନିଜ ସାଥିରେ ନେଲେ ନାହିଁ । ଏହିସବୁ ଭର୍ତ୍ସନା ଓ କଟୁଭାଷା ଶୁଣିବା ପରେ ଅବା ନିଜ ଆଖପାଖରେ କପଟବିଶ୍ୱାସୀମାନଙ୍କୁ ଦେଖି, ହଜରତ ଅଲୀ[ର.ଅ] ବିଚଳିତ ହୋଇ ନିଜ ଅସ୍ତ୍ର ଧରି ହୁଜୁର[ସ.ଅ]ଙ୍କ ସେବାରେ ଉପସ୍ଥିତ ହେଲେ । ସେତେବେଳେ ମହାଭାଗ ମଦିନାରୁ ବାହାରି ମାତ୍ର ୩କି.ମି ବ୍ୟବଧାନ ଅତିକ୍ରମ କରି ଜରଫ୍ ନାମି ସ୍ଥାନରେ ଅବସ୍ଥାନ କରିଥିଲେ । ହଜରତ ଅଲୀ[ର.ଅ] ନିଜର ଏହି ଚିନ୍ତା ଓ ମନସ୍ତାପ ବ୍ୟକ୍ତ କରିବାରୁ ମହାଭାଗ ତାଙ୍କୁ ଏପରି ଉକ୍ତିରେ ଆଶ୍ୱାଶନା ଦେଲେ ଯାହାକି ତାଙ୍କ ବଡିମା, ଶୌର୍ଯ୍ୟ ଓ ମର୍ଯ୍ୟାଦାକୁ ବହୁଗୁଣିତ କରିଦେଲା । ହୁଜୁର[ସ.ଅ] ହଜରତ ଅଲୀ[ର.ଅ]ଙ୍କୁ କହିଲେ; **ହେ ଅଲୀ ! କ'ଣ ତୁମେ ଏଥିରେ ପ୍ରସନ୍ନିତ ନୁହଁ ଯେ, ମୁଁ ତୁମ ପାଇଁ ଏପରି ଯେପରିକି ହାରୁନ୍[ଅ.ସ] ହଜରତ ମୁସା[ଅ.ସ]ଙ୍କ ସକାଶେ ଥିଲେ** । କିନ୍ତୁ ଏତଦ୍ ବ୍ୟତୀତ ଯେ ମୋ ଅନ୍ତେ ତୁମେ ନବୀ ହେବ ନାହିଁ ।

ତବୁକ୍ ଯୁଦ୍ଧ ନିମନ୍ତେ ମୁସଲମାନମାନଙ୍କ ସଂଖ୍ୟା ସଂକ୍ରାନ୍ତରେ ଉଲ୍ଲେଖ ରହିଛି, ଯେ ହୁଜୁର[ସ.ଅ] ଯୁଦ୍ଧ ପ୍ରସ୍ତୁତି ସକାଶେ ସମସ୍ତ ପ୍ରକାରର ପ୍ରତ୍ୟକ୍ଷ ସାଧନର ବ୍ୟବସ୍ଥା କରିବା ପରେ ଦୁଆ ପ୍ରତି ଧ୍ୟାନ କେନ୍ଦ୍ରିତ କଲେ ଓ ଯୁଦ୍ଧ ପ୍ରସ୍ତୁତି ଆରମ୍ଭ ବେଳାରୁ ନେଇ ତବୁକ୍ ଅଭିମୁଖେ ପ୍ରସ୍ଥାନ କରିବା ପର୍ଯ୍ୟନ୍ତ (ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]) ଏହି ଦୁଆ କରୁଥିଲେ *ଅଲ୍ଲାଃହୁମ୍ମା ଇନ୍‌ତୁହ୍‌ଲକ୍ ହାଜିହିଲ୍ ଅସାବତୁ ଫଲନ୍ ତୁବଦା ଫିଲ୍‌ଅର୍‌ଜି* ଅର୍ଥାତ୍ ହେ ପ୍ରଭୁ ! ଯଦି ଏହି ଛୋଟ ଦଳଟି ଆଜି ଏଠାରେ ନିପାତ ହୋଇଗଲା ତେବେ ଏହି ଧରାପୃଷ୍ଠରେ ତୁମ୍ଭ ଉପାସନାକାରୀ ଆଉ କେହି ରହିବେ ନାହିଁ । ବଡ ଆଶ୍ଚର୍ଯ୍ୟର କଥା ଯେ, ମହାଭାଗଙ୍କର ସର୍ବପ୍ରଥମ ଯୁଦ୍ଧ ଅର୍ଥାତ୍ ବଦର୍ ଯୁଦ୍ଧ ଅବସରରେ ମଧ୍ୟ ଏହି ଶ୍ଲୋକ (ଦୁଆ) ପାଠ

କରିବାର ବର୍ଣ୍ଣନା ମିଳୁଅଛି । ମହାଭାଗ ଯୋଗ ଦେଇଥିବା ନିଜର ଏହି ଶେଷ ଯୁଦ୍ଧରେ ମଧ୍ଯ ସେହି ଦୁଆ ଆବୃତ୍ତି କରୁଥିବାର ବର୍ଣ୍ଣନା ମିଳୁଅଛି ।

ସେ ଯାହା ହେଉ ଭୀଷଣ ଗ୍ରୀଷ୍ମତାପର ପ୍ରବାହ ଥିଲା, ସୁଦୀର୍ଘ ଯାତ୍ରା, ଅନ୍ୟାନ୍ୟ ସମସ୍ୟା ଓ କପଟବିଶ୍ୱାସୀଙ୍କର ପ୍ରୋପଗଣ୍ଡା ସତ୍ୱେ ୩୦ହଜାର ସଂଖ୍ୟାରେ ଏକ ବହୁତ ବଡ ସେନାବାହିନୀ ପ୍ରସ୍ତୁତ ହୋଇଗଲା । ଏଥିରେ ଦଶହଜାର ଅଶ୍ୱାରୋହୀ ଥିଲେ, ଏହା ହୁଜୁର[ସ.ଅ]ଙ୍କ ଜୀବନ କାଳ ମଧ୍ୟରେ କୌଣସି ଯୁଦ୍ଧ ନିମନ୍ତେ ସବୁଠାରୁ ବଡ ସେନା ଥିଲା । ମହାଭାଗ ତବୁକ୍ ଯୁଦ୍ଧ ପାଇଁ ସବୁଠାରୁ ବଡ ଧ୍ୱଜା ହଜରତ ଅବୁବକର୍[ର.ଅ]ଙ୍କୁ ପ୍ରଦାନ କଲେ । ଏତଦ୍ ବ୍ୟତୀତ ହଜରତ ଜୁବେର୍[ର.ଅ], ହଜରତ ଉସେଦ୍ ବିନ୍ ହୁଜେର୍[ର.ଅ], ହଜରତ ଅବୁ ଦୁଜାନାଃ[ର.ଅ] ଅବା ଅନ୍ୟ କେତେକ ବର୍ଣ୍ଣନା ଅନୁଯାୟୀ ହଜରତ ହୁବାବ୍ ବିନ୍ ମୁନ୍‌ଜିର୍[ର.ଅ]ଙ୍କୁ ମଧ୍ୟ ଧ୍ୱଜା ପ୍ରଦାନ କରାଯାଇଥିଲା । ତବୁକ୍ ଯୁଦ୍ଧ ଅବସରରେ ହୁଜୁର[ସ.ଅ] ନିଜ ମାର୍ଗଦର୍ଶନ ନିମନ୍ତେ ଅଲକମା ବିନ୍ ଫଗାଓ କୁଜାଇ ଓ ତାଙ୍କ ପିତାଙ୍କୁ ଚୟନ କରିଥିଲେ । ଯିଏକି ସେହି ପଥକୁ ଭଲ ଭାବରେ ଜାଣି ଥିଲେ । ଆଉ ଶୀଘ୍ର ନେଇ ଗନ୍ତବ୍ୟ ସ୍ଥଳ ପହଞ୍ଚାଇବା ପାଇଁ ସକ୍ଷମ ଥିଲେ । ହଜରତ କାବ୍ ବିନ୍ ମାଲିକ୍[ର.ଅ] ବର୍ଣ୍ଣନା କରନ୍ତି; ତବୁକ୍ ଯୁଦ୍ଧ ନିମନ୍ତେ ପୁଣ୍ୟଶ୍ଳୋକ ଗୁରୁବାର ଦିନ (ମଦିନାରୁ) ପ୍ରସ୍ଥାନ କରିଥିଲେ ଏବଂ ହୁଜୁର[ସ.ଅ] ଗୁରୁବାର ଦିନ ହିଁ ଯାତ୍ରା କରିବାକୁ ପସନ୍ଦ କରୁଥିଲେ ।

ପରିଶେଷରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] ଶ୍ରୀମାନ ଗୁଲାମ ମହିଉଦ୍ଦିନ୍ ସୁଲେମାନ ସାହେବ ମୁରବୀ ସିଲ୍‌ସିଲା ଇଣ୍ଡୋନେସିଆ, ଶ୍ରୀମାନ ଡ଼ାଃ ମୁହମ୍ମଦ ଶଫିକ୍ ସେହଗଲ୍ ସାହେବ ପୂର୍ବତନ ଓ୍ୱକିଲୁତ୍ ତସନିଫ୍ ତେହରିକେ ଜଦିଦ୍ ରବଓ୍ୱା ଓ ଶ୍ରୀମତୀ ବୁଶ୍‌ରା ପରଓ୍ୱେଜ୍ ମିନହାସ୍ ସାହେବାଃ ପତ୍ନୀ ଶ୍ରୀମାନ ପରଓ୍ୱେଜ୍ ମିନହାସ୍ ସାହେବ ଆମେରିକା ନିବାସୀଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା ଓ ନମାଜ ଜାନଯାଃ ଗାଏବ୍ ପାଠ କରିବାର ଘୋଷଣା କଲେ ଏବଂ ମୃତକଙ୍କ ପାଇଁ କ୍ଷମାଯାଚନା କରି ବୈକୁଣ୍ଠରେ ସେମାନଙ୍କର ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

24th October 2025

*Translated to Odia by :* Moulavi Anwar Ahmad Khan